ସୂଚନା ଓ ଲୋକ ସଂପର୍କ ବିଭାଗ
**Information & Public Relations Department**
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News-ID/IPR/GA&PG-**158**/06/06/2026**



## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ
## ୧୪୭ ତମ ରାଜ୍ୟ ସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ

- ୩,୭୯୩ କୋଟି ଟଙ୍କାର ପୁଞ୍ଜିନିବେଶକୁ ଓଡ଼ିଶା ସରକାରଙ୍କ ଅନୁମୋଦନ
- ୧୪ଟି ଜିଲ୍ଲାରେ ୨୪ଟି ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ
- ସୃଷ୍ଟି ହେବ ୧୯,୯୨୪ଟି ନିଯୁକ୍ତି ସୁଯୋଗ

ଭୁବନେଶ୍ୱର ତା-୦୬.୦୬.୨୦୨୬

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଓଡ଼ିଶା ସରକାର ଶିଳ୍ପାୟନ ଓ ଆର୍ଥିକ ବିକାଶ କ୍ଷେତ୍ରରେ ନିରନ୍ତର ଭାବେ ରହିଥିବା ଦୃଷ୍ଟିକୋଣକୁ କାର୍ଯ୍ୟାନୁଷ୍ଠାନ ରୂପ ଦେଇ ଅଗ୍ରଗତି କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୪୭ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ମୋଟ ୨୪ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ରାଜ୍ୟରେ ୩,୭୯୩.୩୩ କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହ ୧୯,୯୨୪ଟି ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହି ଅନୁମୋଦନ ଓଡ଼ିଶାର ଶିଳ୍ପ ପରିବେଶକୁ ଅଧିକ ସୁଦୃଢ଼ କରିବା ସହ ନିଯୁକ୍ତିଭିତ୍ତିକ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହୋଇଛି ।

ଅନୁମୋଦିତ ପ୍ରକଳ୍ପଗୁଡ଼ିକ ଇସ୍ପାତ ଓ ଧାତୁ-ଭିତ୍ତିକ ଡାଉନଷ୍ଟ୍ରିମ୍ ଶିଳ୍ପ, ନବୀକରଣଯୋଗ୍ୟ ଶକ୍ତି, ଉନ୍ନତ ସାମଗ୍ରୀ, ଇଲେକ୍ଟ୍ରୋନିକ୍ସ ଓ ବୈଦ୍ୟୁତିକ ଯାନ ( ଇଭି) ଉପକରଣ, ବସ୍ତ୍ର ଓ ପୋଷାକ ଶିଳ୍ପ, ପର୍ଯ୍ୟଟନ ଓ ଆତିଥେୟତା, ଭିତ୍ତିଭୂମି ଓ ଲଜିଷ୍ଟିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ, ଉପଭୋକ୍ତା ସାମଗ୍ରୀ, ରସାୟନ ଶିଳ୍ପ ଏବଂ ଉଦୀୟମାନ ପ୍ରଯୁକ୍ତି ଭଳି ବିଭିନ୍ନ କ୍ଷେତ୍ର ଅନ୍ତର୍ଭୁକ୍ତ ରହିଛି । ଏହା ରାଜ୍ୟର ବିବିଧ, ଭବିଷ୍ୟତମୁଖୀ ଏବଂ  ଦୃଢ ଶିଳ୍ପ ରଣନୀତିକୁ ପ୍ରତିଫଳିତ କରୁଛି । ଏହି ପ୍ରକଳ୍ପଗୁଡ଼ିକ ଖୋର୍ଦ୍ଧା, ଢେଙ୍କାନାଳ, ଝାରସୁଗୁଡ଼ା, କୋରାପୁଟ, ଯାଜପୁର, ସମ୍ବଲପୁର, କେନ୍ଦୁଝର, ବଲାଙ୍ଗୀର, ପୁରୀ, କଟକ, ସୁନ୍ଦରଗଡ଼, ଗଞ୍ଜାମ, ଜଗତସିଂହପୁର ଏବଂ ମୟୂରଭଞ୍ଜ ସମେତ ରାଜ୍ୟର ୧୪ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବ । ଏହା ମାଧ୍ୟମରେ ଆଞ୍ଚଳିକ ସନ୍ତୁଳିତ ଶିଳ୍ପ ବିକାଶକୁ ପ୍ରୋତ୍ସାହନ ମିଳିବା ସହ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ପ୍ରମୁଖ ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ, ଶକ୍ତି ସଞ୍ଚୟ ଏବଂ ଉନ୍ନତ ଉତ୍ପାଦନ କ୍ଷେତ୍ରରେ, ସିଇଏସସି  ଗ୍ରିନ୍ ପାୱାର ଲିଃ, ଯିଏକି ଢେଙ୍କାନାଳ ଜିଲ୍ଲାରେ ₹୬୮୩.୮୩ କୋଟି ଟଙ୍କାର ବିନିଯୋଗରେ ଏକ ବ୍ୟାଟେରି ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍ ପ୍ରକଳ୍ପ ସ୍ଥାପନ କରିବ । ଏହି ପ୍ରକଳ୍ପ ମାଧ୍ୟମରେ ୧୫୩ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ଓଡ଼ିଶାର ବିକାଶଶୀଳ ସ୍ୱଚ୍ଛ ଶକ୍ତି ଉତ୍ପାଦନ ପରିବେଶକୁ

ଆହୁରି ସୁଦୃଢ଼ କରିବ । ସେହିପରି, ଏଭିପି ଷ୍ଟାର ପ୍ରା.ଲିଃ. ଖୋର୍ଦ୍ଧା ଜିଲ୍ଲାରେ ₹୫୦୦ କୋଟି ଟଙ୍କାର ବିନିଯୋଗରେ ଏକ ଲ୍ୟାବ୍-ଗ୍ରୋନ୍ ଡାଇମଣ୍ଡ (ହୀରା) ଉତ୍ପାଦନ କାରଖାନା ସ୍ଥାପନ କରିବ । ଏହି ପ୍ରକଳ୍ପ ଦ୍ୱାରା ୫୦୦ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ବସ୍ତ୍ର ଓ ପୋଷାକ ଶିଳ୍ପ କ୍ଷେତ୍ରରେ, ନନ୍ଦରାଜ ଟେକ୍ସଟାଇଲ୍ସ ପ୍ରା.ଲିଃ. ଖୋର୍ଦ୍ଧା ଜିଲ୍ଲାରେ ₹୧୬୮.୬୪ କୋଟି ଟଙ୍କାର ବିନିଯୋଗରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ । ଏହା ମାଧ୍ୟମରେ ୧୦,୩୦୬ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ, ଯାହା ଏହି ଅନୁମୋଦନ ପର୍ଯ୍ୟାୟରେ ସର୍ବାଧିକ ନିଯୁକ୍ତି ସୃଷ୍ଟିକାରୀ ପ୍ରକଳ୍ପ ଭାବେ ପରିଗଣିତ ହୋଇଛି । ସେହିପରି, ସାହି ଏକ୍ସପୋର୍ଟସ୍ ପ୍ରାଇଭେଟ୍ ଲିଃ. ସମ୍ବଲପୁର ଜିଲ୍ଲାରେ ₹୧୪୫.୫୦ କୋଟି ଟଙ୍କାର ବିନିଯୋଗରେ ଏକ ନିଟେଡ୍ ଗାର୍ମେଣ୍ଟସ୍ (ବୁଣା ପୋଷାକ) ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ, ଯାହା ଦ୍ୱାରା ୧,୮୪୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହା ବ୍ୟତୀତ, ମା' ତାରାତାରିଣୀ ଟେକ୍ସଟାଇଲ୍ ପାର୍କ ପ୍ରା. ଲିଃ. ଗଞ୍ଜାମ ଜିଲ୍ଲାରେ ₹୭୦ କୋଟି ଟଙ୍କାର ବିନିଯୋଗରେ ଏକ ସମନ୍ୱିତ ବସ୍ତ୍ର ଶିଳ୍ପ ପ୍ରକଳ୍ପ ବିକଶିତ କରିବ, ଯାହା ମାଧ୍ୟମରେ ୩୫୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ପର୍ଯ୍ୟଟନ ଓ ଆତିଥେୟତା କ୍ଷେତ୍ରରେ ଏକାଧିକ ପ୍ରିମିୟମ୍ ପ୍ରକଳ୍ପକୁ ଅନୁମୋଦନ ମିଳିଛି । ସ୍ୱସ୍ତି ପ୍ରିମିୟମ ଲିମିଟେଡ୍ କୋରାପୁଟ ଜିଲ୍ଲାରେ ₹୨୫୦ କୋଟି ଟଙ୍କାର ବିନିଯୋଗରେ ଏକ ପଞ୍ଚତାରକା (୫-ଷ୍ଟାର) ରିସୋର୍ଟ ସ୍ଥାପନ କରିବ, ଯାହା ଦ୍ୱାରା ୪୮୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ସେହିପରି, ଏସ୍ଏନ୍ଏମ୍ ହୋଟେଲ୍ ଆଣ୍ଡ ରିସୋର୍ଟ ପ୍ରା.ଲି. କୋରାପୁଟରେ ₹୧୩୩.୩୪ କୋଟି ଟଙ୍କାର ବିନିଯୋଗରେ ଏକ ରିସର୍ଟ ସ୍ଥାପନ କରି ୧୭୩ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଶ୍ରୀ ଇକୋ ରିସେର୍ଟ କେନ୍ଦୁଝର ଜିଲ୍ଲାରେ ₹୧୦୫.୬୦ କୋଟି ଟଙ୍କାର ବିନିଯୋଗରେ ଏକ ଇକୋ-ରିସର୍ଟ ଓ ଜଳ ମନୋରଞ୍ଜନ ପାର୍କ ସ୍ଥାପନ କରିବ, ଯାହା ଦ୍ୱାରା ୨୪୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଶୈଳବାଳା ଇନଫ୍ରାଷ୍ଟ୍ରକ୍ଚର ପ୍ରା.ଲି. ପୁରୀ ଜିଲ୍ଲାରେ ₹୯୨.୮୦ କୋଟି ଟଙ୍କାର ବିନିଯୋଗରେ ଏକ ରିସର୍ଟ ସ୍ଥାପନ କରି ୧୭୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ସୂର୍ଯ୍ୟୋ ଉଦ୍ୟୋଗ ଲିଃ. ଜଗତସିଂହପୁର ଜିଲ୍ଲାରେ ₹୭୦ କୋଟି ଟଙ୍କାର ବିନିଯୋଗରେ ଏକ ଚାରିତାରକା (୪-ଷ୍ଟାର) ହୋଟେଲ ସ୍ଥାପନ କରିବ, ଯାହା ଦ୍ୱାରା ୨୪୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । "ପ୍ରତ୍ୟକ୍ଷ ହୋଟେଲ ଆଣ୍ଡ ରିସୋର୍ଟ ପ୍ରା. ଲି." କୋରାପୁଟରେ ₹୭୦ କୋଟି ଟଙ୍କାର ବିନିଯୋଗରେ ଏକ ରିସର୍ଟ ସ୍ଥାପନ କରି ୧୭୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ।

ଲେହର୍ସ ଏକ୍ସପୋର୍ଟସ୍ ସର୍ଭିସେସେ ପ୍ରା.ଲି. ସୁନ୍ଦରଗଡ଼ ଜିଲ୍ଲାରେ ₹୬୦ କୋଟି ଟଙ୍କାର ବିନିଯୋଗରେ ଏକ ରିସର୍ଟ ସ୍ଥାପନ କରି ୨୦୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଏହା ବ୍ୟତୀତ ପ୍ରାଚୀ ଏଣ୍ଟରପ୍ରାଇଜର୍ସ ମୟୂରଭଞ୍ଜ ଜିଲ୍ଲାରେ ₹୫୨ କୋଟି ଟଙ୍କାର ବିନିଯୋଗରେ ଏକ ଇକୋ-ରିସର୍ଟ ଓ ଜଳ ମନୋରଞ୍ଜନ ପାର୍କ ସ୍ଥାପନ କରିବ, ଯାହା ଦ୍ୱାରା ୧୫୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହି ସମସ୍ତ ପ୍ରକଳ୍ପ ଓଡ଼ିଶାର ପର୍ଯ୍ୟଟନ ଭିତ୍ତିଭୂମିକୁ ଉଲ୍ଲେଖନୀୟ ଭାବେ ସୁଦୃଢ଼ କରିବା ସହ ରାଜ୍ୟକୁ ଏକ ଆକର୍ଷଣୀୟ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀ ଭାବେ ଗଢ଼ି ତୋଳିବ ।

ଇସ୍ପାତ, ଧାତୁ-ଭିତ୍ତିକ ଡାଉନଷ୍ଟ୍ରିମ୍ ଏବଂ ଶିଳ୍ପ ଉତ୍ପାଦନ କ୍ଷେତ୍ରରେ, ଜେଏସଡବ୍ଲୁ ସିଭରଫିଲ୍ଡସ୍ ଷ୍ଟ୍ରକ୍ଚର୍ସ ଲି. ଯାଜପୁର ଜିଲ୍ଲାରେ ₹୨୧୫ କୋଟି ଟଙ୍କାର ବିନିଯୋଗରେ ଏକ ଇସ୍ପାତ ଫ୍ୟାବ୍ରିକେସନ୍ ୟୁନିଟ୍ ସ୍ଥାପନ କରିବ । ଏହା ଦ୍ୱାରା ୧୪୦୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ସେହିପରି, କୋଶାଲ ସେରାମିକ୍ସ ପ୍ରା.ଲି. ଝାରସୁଗୁଡ଼ା ଜିଲ୍ଲାରେ ₹୨୭୫.୦୭ କୋଟି ଟଙ୍କାର ବିନିଯୋଗରେ ରିଫ୍ରାକ୍ଟୋରି ଇଟା ଏବଂ ମୋନୋଲିଥିକ୍ ଉତ୍ପାଦନ କାରଖାନାର ସମ୍ପ୍ରସାରଣ କରିବ, ଯାହା ଦ୍ୱାରା ୧,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏନଭିରୋକେୟାର ଇନଫ୍ରାସଲ୍ୟୁସନ ପ୍ରା.ଲି. ସୁନ୍ଦରଗଡ଼ ଜିଲ୍ଲାରେ ₹୮୧ କୋଟି ଟଙ୍କାର ବିନିଯୋଗରେ ରଙ୍ଗ-ଆବୃତ ଇସ୍ପାତ ସିଟ୍, ଜିଆଇ ସିଟ୍ ଏବଂ ଷ୍ଟ୍ରକ୍ଚରାଲ୍ କମ୍ପୋନେଣ୍ଟସ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ, ଯାହା ଦ୍ୱାରା ୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହାଛଡ଼ା, 'ବିଷ୍ଣୁ ଷ୍ଟିଲ' ଖୋର୍ଦ୍ଧା ଜିଲ୍ଲାରେ ₹୫୧.୮୩ କୋଟି ଟଙ୍କାର ବିନିଯୋଗରେ ଏକ ଷ୍ଟେନଲେସ୍ ଷ୍ଟିଲ୍ ପାଇପ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ, ଯାହା ଦ୍ୱାରା ୯୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ଲଜିଷ୍ଟିକ୍ସ ଓ ଭିତ୍ତିଭୂମି କ୍ଷେତ୍ରରେ, ଏମ ଏସ ଇନଫ୍ରା ଇଂଜିନିୟର୍ସ ପ୍ରା. ଲି. ସମ୍ବଲପୁର ଜିଲ୍ଲାରେ ₹୧୧୨.୫୨ କୋଟି ଟଙ୍କା ବିନିଯୋଗରେ ଏକ ଗୋଦାମ ଗୃହ ସହ ଲଜିଷ୍ଟିକ୍ ପାର୍କ ସ୍ଥାପନ କରିବ । ଏହି ପ୍ରକଳ୍ପ ଦ୍ୱାରା ୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଯେତେବେଳେ କି ଇନେକ୍ସ ଇକୋ ଲଜିଷ୍ଟିକ୍ସ ବଲାଙ୍ଗୀର ଜିଲ୍ଲାରେ ₹୧୦୩.୨୦ କୋଟି ଟଙ୍କାର ବିନିଯୋଗରେ ମଧ୍ୟ ଲଜିଷ୍ଟିକ୍ ଏବଂ ଗୋଦାମ ଭିତ୍ତିଭୂମି ବିକାଶ କରିବ ଏବଂ ଏହା ଦ୍ୱାରା ୨୨୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟର ଶିଳ୍ପ

କ୍ଷେତ୍ର ପାଇଁ ସଂଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ଯୋଗାଣ ଶୃଙ୍ଖଳା (ସପ୍ଲାଏ ଚେନ୍ ) ର କାର୍ଯ୍ୟଦକ୍ଷତା ଓ ଦକ୍ଷ ପରିଚାଳନା ବୃଦ୍ଧି କରିବ ।

ଉପଭୋକ୍ତା ସାମଗ୍ରୀ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଉଦୀୟମାନ ଉତ୍ପାଦନ କ୍ଷେତ୍ରରେ, ହିନ୍ଦୁସ୍ଥାନ କୋକା-କୋଲା ବିଭରେଜେସ୍ ପ୍ରା.ଲି. ଖୋର୍ଦ୍ଧା ଜିଲ୍ଲାରେ ₹୩୦୦ କୋଟି ଟଙ୍କାର ବିନିଯୋଗରେ ଏହାର ଏରେଟେଡ୍ ଡ୍ରିଙ୍କ୍ସ (କାର୍ବୋନେଟେଡ୍ ପାନୀୟ) ଉତ୍ପାଦନ କ୍ଷମତାର ସମ୍ପ୍ରସାରଣ କରିବ । ଏହା ଦ୍ୱାରା ୯୯୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ସେହିପରି, ଜୟ ଭବାନୀ ଫୁଡ୍ ପ୍ରା.ଲି. କଟକ ଜିଲ୍ଲାରେ ₹୯୨ କୋଟି ଟଙ୍କାର ବିନିଯୋଗରେ ଏକ ବାର୍ ସୋପ୍ (ସାବୁନ୍ ଖଣ୍ଡ) ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ, ଯାହା ଦ୍ୱାରା ୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଲିଥ୍ରୋସ୍ ବ୍ୟାଟେରିଜ୍ ଇଣ୍ଡିଆ ପ୍ରା.ଲି. ଖୋର୍ଦ୍ଧା ଜିଲ୍ଲାରେ ₹୬୦ କୋଟି ଟଙ୍କା ବିନିଯୋଗରେ ବୈଦ୍ୟୁତିକ ଯାନ ବ୍ୟାଟେରି ଏବଂ ଇନଭର୍ଟର ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ । ଏହି ପ୍ରକଳ୍ପ ମାଧ୍ୟମରେ ୩୫୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ଜସ୍ୱର ଇକୋ ପ୍ରଡକ୍ଟ ପ୍ରା.ଲି. ଖୋର୍ଦ୍ଧା ଜିଲ୍ଲାରେ ₹୫୧ କୋଟି ଟଙ୍କାର ବିନିଯୋଗରେ ଏକ କୋରୁଗେଟେଡ୍ ବକ୍ସ (ପ୍ୟାକେଜିଂ ପାଇଁ ବ୍ୟବହୃତ ହେଉଥିବା କାର୍ଟୁନ୍ ବାକ୍ସ) ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ, ଯାହା ଦ୍ୱାରା ୧୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହାଛଡ଼ା, ଏକାଂଶ ଆଗ୍ରୋ ଫୁଡ୍ ପ୍ରଡକ୍ଟସ୍ ପ୍ରା.ଲି. ଖୋର୍ଦ୍ଧା ଜିଲ୍ଲାରେ ₹୫୦ କୋଟି ଟଙ୍କାର ବିନିଯୋଗରେ ଏକ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରିବ, ଯାହା ଦ୍ୱାରା ୩୭୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାର ଶିଳ୍ପ ଭିତ୍ତିକୁ ଆହୁରି ସୁଦୃଢ଼ କରିବ ।

ଏହି ୨୪ଟି ପ୍ରକଳ୍ପ ମିଳିତ ଭାବେ ରାଜ୍ୟରେ ₹୩,୭୯୩.୩୩ କୋଟି ଟଙ୍କାର ମୋଟ ପୁଞ୍ଜିନିବେଶ ଏବଂ ୧୯,୯୨୪ଟି ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଏହା ପୂର୍ବ ଭାରତରେ ଏକ ଉଚ୍ଚ-ସମ୍ଭାବନାମୟ ନିବେଶ ଗନ୍ତବ୍ୟସ୍ଥଳୀ ଭାବେ ଓଡ଼ିଶାର ସ୍ଥାନକୁ ଆହୁରି ସୁଦୃଢ଼ କରିଛି । ପର୍ଯ୍ୟଟନ, ବସ୍ତ୍ର ଓ ପୋଷାକ, ଉନ୍ନତ ଉତ୍ପାଦନ, ଲ୍ୟାବ୍-ଗ୍ରୋନ୍ ଡାଇମଣ୍ଡ, ଲଜିଷ୍ଟିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଉପଭୋକ୍ତା ସାମଗ୍ରୀ ଭଳି ବିଭିନ୍ନ କ୍ଷେତ୍ରରେ ବ୍ୟାପକ ବିବିଧତା ସହିତ ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟର ଶିଳ୍ପାୟନକୁ ନୂତନ ଦିଗ ପ୍ରଦାନ କରୁଛି । ଏହା ମାଧ୍ୟମରେ ଓଡ଼ିଶା ଏକ ଦୃଢ, ସଶକ୍ତ ଏବଂ ଅଧିକ ନିଯୁକ୍ତି ସୃଷ୍ଟିକାରୀ ଶିଳ୍ପ ପରିବେଶ ଗଠନ ଦିଗରେ ନିରନ୍ତର ଭାବେ ଅଗ୍ରସର ହେଉଛି । ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା ସମୟବଦ୍ଧ ଏବଂ ସମନ୍ୱିତ ଅନୁମୋଦନ ପ୍ରଦାନ ସହ ନିବେଶକମାନଙ୍କୁ ସକ୍ରିୟ ସହାୟତା ଯୋଗାଇ ବ୍ୟବସାୟ କରିବାର ସୁବିଧା ( ଇଜ୍ ଅଫ୍ ଡୁଇଂ ବିଜନେସ୍ ) କୁ ଆହୁରି ସୁଦୃଢ଼ କରୁଛି । ଏହା ଫଳରେ ନିବେଶ ପ୍ରସ୍ତାବଗୁଡ଼ିକ ଦ୍ରୁତ ଗତିରେ ବାସ୍ତବ ପ୍ରକଳ୍ପରେ ପରିଣତ ହୋଇପାରୁଛି ।

ବିକଶିତ ଓଡ଼ିଶା-୨୦୩୬ର ଦୀର୍ଘମିଆଦୀ ଦୃଷ୍ଟିକୋଣ ସହ ସାମଞ୍ଜସ୍ୟ ରଖି ଏହି ଅନୁମୋଦନଗୁଡ଼ିକ ରୋଜଗାର-ଭିତ୍ତିକ ଆର୍ଥିକ ଅଭିବୃଦ୍ଧି, ନିରନ୍ତର ଶିଳ୍ପାୟନ ଏବଂ ସନ୍ତୁଳିତ ଆଞ୍ଚଳିକ ବିକାଶ ପ୍ରତି ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ବାସ୍ତବ ରୂପାୟନ କରୁଛି ।

ପଠାଣି ରାଉତ

ମୁଖ୍ୟ ଶାସନ ସଚିବଙ୍କ ଲୋକ ସଂପର୍କ ଅଧିକାରୀ